بِسۡمِ اللّٰہِ الرَّحۡمٰنِ الرَّحِیۡمِ

୬ ନଭେମ୍ବର ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

ତହ୍‌ରିକେ ଜଦିଦ୍‌ର ୯୨ତମ ବର୍ଷରେ ଜମାଅତ କରିଥିବା ଅର୍ଥଦାନର ଆଲୋଚନା ଓ ୯୩ତମ ବର୍ଷ ଶୁଭାରମ୍ଭର ଭବ୍ୟ ଘୋଷଣା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ଓ୍ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଅଲ୍ଲାଃତାଲା ପବିତ୍ର କୁରଆନରେ କହିଛନ୍ତି, لَنْ تَنَالُوا الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ ଅର୍ଥାତ୍ ତୁମେମାନେ କଦାପି ପୁଣ୍ୟ ଲାଭ କରିପାରିବ ନାହିଁ । ଯେପର୍ଯ୍ୟନ୍ତ ତୁମେମାନେ ସେହିସବୁ ବସ୍ତୁର ଦାନ ନକର, ଯାହାକୁ ତୁମେମାନେ ଭଲ ପାଅ । ଏକ ହଦିସ୍‌ରେ ବର୍ଣ୍ଣିତ ରହିଛି ଯେ ଯେତେବେଳେ ଏହି ଆୟତ ଅବତୀର୍ଣ୍ଣ ହେଲା ସେତେବେଳେ ହଜରତ ତଲ୍‌ହା[ର.ଅ] ନିଜର ସବୁଠାରୁ ମୂଲ୍ୟବାନ ବଗିଚା, ଯାହାର ନାମ 'ବିରୁହା' ଥିଲା, ହୁଜୁର[ସ.ଅ]ଙ୍କ ସେବାରେ ଉତ୍ସର୍ଗ କରିଦେଲେ । ଆଉ କହିଲେ; ଏହା ହିଁ ମୋର ସବୁଠାରୁ ପ୍ରିୟ ସମ୍ପତ୍ତି । ଏହା ବ୍ୟତୀତ ଅନ୍ୟାନ୍ୟ ହଦିସ୍‌ରେ ମଧ୍ୟ ବର୍ଣ୍ଣିତ ରହିଛି ଯେ ଅନେକ ସାହାବୀ ଥିଲେ, ଯେଉଁମାନଙ୍କୁ ଯେତେବେଳେ ବି ଆର୍ଥିକ ତ୍ୟାଗ କରିବାକୁ ଆହ୍ୱାନ ଦିଆଯାଉଥିଲା, ସେଥିରେ ସେମାନେ ଅଗ୍ରଣୀ ରହୁଥିଲେ ଓ ମହାଭାଗଙ୍କ ସେବାରେ ନିଜ ଧନସମ୍ପତ୍ତି ଅର୍ପଣ କରି ଦେଉଥିଲେ । **ଏହି ଦିପ୍ତିମୟ ନକ୍ଷେତ୍ରଗୁଡ଼ିକ ଆଜି ମଧ୍ୟ ଆମମାନଙ୍କ ପାଇଁ ପଥପ୍ରଦର୍ଶକ ଅଟନ୍ତି ।**

ଏହାପରେ ଅଲ୍ଲାଃତାଲାଙ୍କ ପ୍ରତିଶୃତି ଅନୁଯାୟୀ ଇସଲାମର ଦ୍ୱିତୀୟ ପର୍ଯ୍ୟାୟର ସମୟ ଆସିଲା । ସେହି ଯୁଗରେ ହଜରତ ମସିହ ମଉଦ[ଅ.ସ]ଙ୍କ ଅହ୍ୱାନରେ ସାହାବୀମାନେ ମଧ୍ୟ ବଳିଦାନ କରୁଥିଲେ । କାରଣ ହୁଜୁର[ଅ.ସ] ସାହାବୀମାନଙ୍କ ଏହି ବଳିଦାନଗୁଡ଼ିକରେ ପ୍ରକୃତ ମର୍ମ ଉପଲବ୍ଧ କରାଇଥିଲେ । ହଜରତ ମସିହ ମଉଦ[ଅ.ସ] ଗୋଟିଏ ସ୍ଥାନରେ କହିଛନ୍ତି; **ଅଦରକାରୀ ଓ ନିରର୍ଥକ ବସ୍ତୁ ଖର୍ଚ୍ଚ କରି କୌଣସି ପୁଣ୍ୟ ଅର୍ଜନ କରିବାର ଦାବି କରିପାରିବ ନାହିଁ** । ଜାଣିରଖ ! ପୁଣ୍ୟର ଦ୍ୱାର ସଂକୀର୍ଣ୍ଣ । ସୁତରାଂ ଏହି କଥାକୁ ମନରେ ଦୃଢ଼ ଭାବରେ ଗଣ୍ଠି କରିନିଅ ଯେ ନିରର୍ଥକ ଜିନିଷ ଖର୍ଚ୍ଚ କରି କେହି ଏଥିରେ ପ୍ରବେଶ କରିପାରିବେ ନାହିଁ । କାରଣ ସ୍ପଷ୍ଟ ନିର୍ଦ୍ଦେଶ ରହିଛି- لَنْ تَنَالُوا الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ ଯେପର୍ଯ୍ୟନ୍ତ ନିଜର ପ୍ରିୟ ଓ ମୂଲ୍ୟବାନ ବସ୍ତୁଗୁଡ଼ିକୁ ବ୍ୟୟ କରିନାହଁ, ସେପର୍ଯ୍ୟନ୍ତ ପ୍ରିୟ ଓ ଆଦରଣୀୟ ହେବାର ମର୍ଯ୍ୟାଦା ମିଳି ପାରିବ ନାହିଁ । ଯଦି ଆପଣମାନେ କଷ୍ଟ ସହିବାକୁ ଓ ପ୍ରକୃତ ପୁଣ୍ୟକୁ ଗ୍ରହଣ କରିବାକୁ ଚାହାଁନ୍ତି ନାହିଁ, ତେବେ କିପରି ସଫଳ ଓ କୃତକାର୍ଯ୍ୟ ହେବେ ? ସାହାବୀମାନେ କ'ଣ ବିନା ପରିଶ୍ରମରେ ଏହି ଉଚ୍ଚାସନରେ ଅଧିଷ୍ଠିତ ହୋଇଗଲେ... । ଅସଲ କଥା ଏହିକି ଯେ, ଅଲ୍ଲାଃତାଲାଙ୍କ ସନ୍ତୁଷ୍ଟି ଯାହା ପ୍ରକୃତ ଆନନ୍ଦର କାରଣ, ତାହା ମିଳିପାରିବ ନାହିଁ, ଯେପର୍ଯ୍ୟନ୍ତ ଅସ୍ଥାୟୀ କଷ୍ଟଗୁଡ଼ିକୁ ବରଦାସ୍ତ କରା ନଯାଏ ।

ମହାମାନ୍ୟ ହୁଜୁର ଅନୱର[ଅ.ବ] କହିଲେ; ତେବେ ଏହା ସେହି ଆତ୍ମା ଯାହାକୁ ହଜରତ ମସିହ ମଉଦ[ଅ.ସ] ଜମାଅତରେ ଉତ୍ପନ୍ନ କରିବାକୁ ଚେଷ୍ଟା କରିଥିଲେ । ହୁଜୁର[ଅ.ସ]ଙ୍କ ସାହାବୀଗଣ ବଳିଦାନରେ ଏତେ ଆଗକୁ

ବଢି ଯାଇଥିଲେ ଯେ ଆପଣଙ୍କୁ କହିବାକୁ ପଡିଲା ଯେ ମୁଁ ଦେଖୁଛି ଆମ ଜମାଅତରେ ଏପରି ବ୍ୟକ୍ତି ମଧ୍ୟ ଅଛନ୍ତି, ଯେଉଁମାନଙ୍କ ଶରୀରରେ ବହୁକଷ୍ଟରେ ପୋଷାକ ମିଳିଥାଏ ଏବଂ ଖଣ୍ଡିଏ ଚାଦର ଓ ପାଜାମାଟିଏ ବି ସେମାନଙ୍କୁ ବହୁ କଷ୍ଟରେ ଉପଲବ୍ଧ ହୋଇଥାଏ । କିନ୍ତୁ ସେମାନଙ୍କର ନିଷ୍ଠା, ବିଶ୍ୱସ୍ତତା, ଦୃଢ଼ ଆତ୍ମବିଶ୍ୱାସ, ଭକ୍ତି ଓ ପ୍ରେମ ଦେଖି ଆଶ୍ଚର୍ଯ୍ୟ ଓ ବିସ୍ମୟ ଲାଗେ । ହୁଜୁରଅ.ସ ଯେଉଁ ପରିବର୍ତ୍ତନ ଆଣିଥିଲେ ତା'ର ଅନ୍ୟ କୌଣସି ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ । ଆଜି ବଳିଦାନ କରିବାର ଆତ୍ମା ଯେତିକି ଜଣେ ଅହମଦି ଠାରେ ଅଛି, ଅନ୍ୟ କାହା ପାଖରେ ନାହିଁ । ଆଜି ଆମକୁ ଜମାଅତରେ ଏପରି ଦୃଷ୍ଟାନ୍ତ ଦେଖିବାକୁ ମିଳେ । ଅନେକ ଏପରି ଅଛନ୍ତି ଯେଉଁମାନେ ଉପସ୍ଥିତ ଖଲିଫାଙ୍କୁ କେବେ ପ୍ରତ୍ୟକ୍ଷରେ ଦେଖି ନାହାନ୍ତି । କେବଳ ଏମ.ଟି.ଏରେ ଫଟୋ ଦେଖିଛନ୍ତି ବା ସ୍ୱର ଶୁଣିଛନ୍ତି । କିନ୍ତୁ ସେମାନେ ନିଷ୍ଠା ଓ ବିଶ୍ୱସ୍ତତାରେ ବେଶ ବଢ଼ି ଚାଲିଛନ୍ତି । ଦୁନିଆ ଏହି ଲୋକମାନଙ୍କୁ ଜାଣେ ନାହିଁ । ଯଦିଓ ପ୍ରକାଶ୍ୟରେ ସେମାନେ କମ୍ ଶିକ୍ଷିତ, କିନ୍ତୁ ସେମାନେ ପବିତ୍ର କୁରଆନ ଶିକ୍ଷାର ମର୍ମକୁ ବୁଝନ୍ତି ଓ ତାହାର ଆଦେଶ ପାଳନ କରିବାକୁ ଚେଷ୍ଟା କରନ୍ତି ।

ଏହାର ଏକ ଉଦାହରଣ ଗ୍ୱାଡ଼େଲୁପ୍‌ର ଜଣେ ନବାଗତ ଅହମଦି ଯିଏ ନିକଟରେ ହିଁ ବ୍ରିଟେନ୍‌ର **ଜଲ୍‌ସା ସାଲାନା** (ବାର୍ଷିକ ଧର୍ମସମ୍ମିଳନୀ)ରେ ମଧ୍ୟ ସାମିଲ ହୋଇଥିଲେ ଏବଂ ମୋତେ ମଧ୍ୟ ଭେଟିଥିଲେ । ଏଠାରେ ଦେଖିଲେ ଯେ ଜମାଅତ କିପରି କାମ କରୁଅଛି । ପୁନଶ୍ଚ ଯେତେବେଳେ ତାଙ୍କୁ କୁହାଗଲା ଯେ ଜମାଅତ ଏକ ଆର୍ଥିକ ବ୍ୟବସ୍ଥା (ପାଣ୍ଠି) ରହିଛି, ଯେଉଁଥିରେ ଅହମଦିମାନେ ଚାନ୍ଦା ଦାନ କରିଥା'ନ୍ତି । ସେଥିରୁ ଇସଲାମର ପ୍ରଚାର ପାଇଁ ବିଭିନ୍ନ କାର୍ଯ୍ୟ କରାଯାଉଛି । ଏହି ବଳିଦାନଗୁଡ଼ିକର ଉପଯୋଗ ବିଷୟରେ ଯେତେବେଳେ ତାଙ୍କୁ କୁହାଗଲା ସେତେବେଳେ ସେ ବହୁତ ଆନନ୍ଦିତ ଦେଲେ ଓ କହିଲେ; ମୁଁ **ଜଲ୍‌ସା ସାଲାନା** ସ୍ୱଚକ୍ଷୁରେ ଅବଲୋକନ କରିଛି ଯେ ଜମାଅତ କିପରି ଏହି ଧନଗୁଡ଼ିକୁ ଅଲ୍ଲାଃଙ୍କ ମାର୍ଗରେ ବିନିଯୋଗ କରୁଅଛି । ମିଶ୍‌ନାରୀ ସାହେବ ଲେଖିଛନ୍ତି, ଏହି ଘଟଣାର ଅନ୍ୟ ଏକ ଉଜ୍ଜ୍ୱଳ ଦିଗ ହେଉଛି ଯେତେବେଳେ ତହେରିକ୍ ଜଦିଦ୍ ଚାନ୍ଦାର ଶେଷ ଦିନ ଥିଲା । ସେ ମୋ ପାଖକୁ ଆସି କହିଲେ; ମୋର ଛଅ ବର୍ଷ ପୁଅ ଅଛି । ଏହା ତା' ପକ୍ଷରୁ ଛଅ ୟୁରୋ (ରାଶି) ଚାନ୍ଦା । ସେ କହିଲେ; ମୁଁ ମୋ ପୁଅକୁ ବୁଝାଉଥିଲି ଯେ ଜମାଅତର ଲୋକମାନେ କିପରି ବଳିଦାନ ଦେଉଛନ୍ତି । ଦିନେ ମୁଁ ତାକୁ ଏକ ପାର୍କକୁ ନେଇଗଲି, ଝୁଲାର ଟିକେଟ୍ କିଣିବାକୁ ଯାଉଥିବା ବେଳେ ସେ କହିଲା; ମୁଁ ଆଜି ଝୁଲାରେ ବସିବି ନାହିଁ । ବରଂ ଏହି ପଇସା ମୋ ପକ୍ଷରୁ ଅଲ୍ଲାଃଙ୍କ ମାର୍ଗରେ ଦେଇ ଦିଅନ୍ତୁ । **ଯଦିଚ ଏହା ଏକ ସାଧାରଣ ପରିମାଣର ଅର୍ଥ, କିନ୍ତୁ ଏହି ଶିଶୁ ପକ୍ଷରୁ ଏହା ଏକ ମହାନ ବଳିଦାନ** ।

ଗିନି କୋନାକରୀର ଗୋଟିଏ ଘଟଣା ଯେ ତୌଲା ସାହେବ ଜଣେ ଅହମଦି, ଯିଏ ଅତି ଗରିବ । ସେ ନିଜର ତହେରିକ୍ ଜଦିଦ୍ ଚାନ୍ଦା ତିରିଶ ହଜାର ଫ୍ରାଙ୍କ ଲେଖାଇ ଥିଲେ । ସେ କହିଲେ; ମୋ ଝିଅର ବିବାହ ଥିଲା । ମୁଁ ସେଥିପାଇଁ ଟଙ୍କା ମଧ୍ୟ ସଂଚୟ କରି ରଖିଥିଲି । ସେହି ସମୟ ମଧ୍ୟରେ ମୁଅଲ୍ଲିମ୍ ସାହେବ ଚାନ୍ଦା ଆଦାୟ କରିବାକୁ ଆସିଲେ । ମୁଁ ବିବାହ ପାଇଁ ସଞ୍ଚୟ କରିଥିବା ଟଙ୍କା ତାଙ୍କୁ ଦେଇଦେଲି ଯେ ଏହାକୁ ଚାନ୍ଦାରେ ସାମିଲ କରିଦିଅନ୍ତୁ । ଏହାପରେ ଅଲ୍ଲାଃତାଲାଙ୍କର ଏପରି କୃପା ହେଲା ଯେ ମୋର ଜଣେ ପୁଅ ଯିଏ ଦୀର୍ଘ ସମୟ ଧରି ଫ୍ରାନ୍ସ ଯିବା ପାଇଁ ଘରୁ ବାହାରି ଯାଇଥିଲା ଏବଂ ଏଯାବତ୍ ତା'ର କୌଣସି ଖବର ନଥିଲା । ବରଂ ତାକୁ ଯିବାକୁ ଏତେ ଦୀର୍ଘ ସମୟ ହୋଇ ଯାଇଥିଲା ଯେ ଆମେ ଭାବି ନେଇଥିଲୁ ଯେ ସେ ବାଟରେ କେଉଁଠାରେ ନଉଜୁବିଲ୍ଲାଃ (ଈଶ୍ୱର ନକରନ୍ତୁ) ମୃତ୍ୟୁବରଣ କରିସାରିଛି । ତେବେ ହଠାତ୍ ଦିନେ ତାଙ୍କର **କଲ୍** ଆସିଲା ଏବଂ ସେ ଜଣାଇଲେ ଯେ ମୁଁ ଫ୍ରାନ୍ସରେ ପହଞ୍ଚିଯାଇଛି ଏବଂ ଏହା ମଧ୍ୟ ଜଣାଇଲା ଯେ ମୁଁ ଆପଣଙ୍କ ଖର୍ଚ୍ଚ ପାଇଁ ଏକ ମୋଟା ଅଙ୍କର ଧନରାଶି ଆପଣଙ୍କୁ ପଠାଉଛି । ତେଣୁ ସେ କହନ୍ତି ଏହି କଥାରୁ ମୋର **ଇମାନ୍** (ବିଶ୍ୱାସ)ରେ ବହୁତ ଅଭିବୃଦ୍ଧି ଘଟିଲା ଯେ ଚାନ୍ଦା ଦେବା ଫଳରେ ଗୋଟିଏ ପଟେ ମୋତେ ନିଜ ପୁତ୍ରର ଖବର ମିଳିଗଲା ଏବଂ ଅପର ପକ୍ଷେ ମୁଁ ଦେଇଥିବା ଟଙ୍କାକୁ ପ୍ରଭୁ ମୋତେ ଅନେକ ଗୁଣ ବଢ଼ାଇ ଫେରସ୍ତ କରିଦେଲେ ।

ଆର୍ଜେଣ୍ଟିନାର ମୁବଲ୍ଲିଗ୍ ସାହେବ ଲେଖିଛନ୍ତି, ଜଣେ ନିଷ୍ଠାବାନ ଅହମଦି ଶ୍ରୀମାନ ନାସିର୍ ଆରକିୟୁନସ୍ ସାହେବ, ଯିଏ ଆର୍ଜେଣ୍ଟିନାର ପ୍ରଥମ ସ୍ଥାନୀୟ ଅହମଦି । ସେ ଦେଶର ଜଣେ ଜଣାଶୁଣା ସାମ୍ବାଦିକ ବି ଥିଲେ, କିନ୍ତୁ କିଛି ବର୍ଷ ହେବ ଅକ୍ଷମ ହୋଇଯାଇଛନ୍ତି । ତାଙ୍କର ପରିବାର କ୍ରମାଗତ ଭାବରେ ଆର୍ଥିକ ଅଭାବର ସମ୍ମୁଖୀନ ହେଉଛି । କେତେକ ସମୟରେ ତାଙ୍କ ନିକଟରେ ଔଷଧ କିଣିବା ପାଇଁ ମଧ୍ୟ ପଇସା ନଥାଏ । ମୁବଲ୍ଲିଗ୍ ସାହେବ ଲେଖିଛନ୍ତି, ଯେ ମୁଁ ତାଙ୍କୁ କହିଲି; ଆପଣଙ୍କର ପରିସ୍ଥିତି ଏପରି ଭଲ ନାହିଁ ଯେ ଆପଣ ଚାନ୍ଦା ଦେଇପାରିବେ । ହଁ ବରକତ ପାଇଁ ଯଦି କିଛି ଦେବାକୁ ଚାହାନ୍ତି ତେବେ ଦେଇ ପାରିବେ । ଏକଥା ଶୁଣି ମହାଶୟ କିଛି ଦିନପରେ ନିଜେ ଯୋଗାଯୋଗ କଲେ ଓ ଜଣାଇଲେ ଯେ ମୁଁ ଜମାଅତର ଆକାଉଣ୍ଟରେ ଚାନ୍ଦା ରାଶି ପଠାଇ ଦେଇଛି । ଯାଞ୍ଚ କରିବାରୁ ଜଣା ପଡିଲା ଯେ ସେ ପଚିଶ ଡ଼ଲାର ପଠାଇ ଥିଲେ । ଯଦିଚ ଏହା ଏକ ସାଧାରଣ ଧନରାଶି, କିନ୍ତୁ ତାଙ୍କ ପରିସ୍ଥିତି ଦୃଷ୍ଟିରୁ ଏହା ଏକ ଅସାଧାରାଣ ବଳିଦାନ ଥିଲା ।

ବେନିନ୍‌ର ଏକ ଘଟଣା ରହିଛି ଯେ ସେଠାକାର ଜଣେ ନବାଗତ ଅହମଦି ଯିଏ ଖ୍ରୀଷ୍ଟଧର୍ମରୁ ଅହମଦି ହୋଇଛନ୍ତି । ତାଙ୍କର ଏକ ଛୋଟ ଦୋକାନ ଅଛି । ସେ କୁହନ୍ତି ମୋ ପାଖରେ ଦଶ ହଜାର ଫ୍ରାଙ୍କ ଧନରାଶି ଥିଲା । ମୋ ଝିଅ ମୋ ପାଖକୁ ଆସି କହିଲା; ସ୍କୁଲ କର୍ତ୍ତୃପକ୍ଷ ତାକୁ ସ୍କୁଲରୁ ବାହାର କରି ଦେଇଛନ୍ତି । କାରଣ ସେମାନେ ଫିସ୍ ଜମା କରି ନଥିଲେ । ମୁଁ ସ୍କୁଲ ଫିସ୍ ଦେବା ପାଇଁ ପ୍ରସ୍ତୁତ କରୁଥିଲି । ସେହି ସମୟରେ ମୁଅଲ୍ଲିମ୍ ସାହେବ ତହେରିକ୍ ଜଦିଦ୍ ଚାନ୍ଦା ଆଦାୟ କରିବାକୁ ଆସିଲେ । ମୁଁ ସେହି ଟଙ୍କା ଚାନ୍ଦାରେ ଦେଇଦେଲି । ଅଲ୍ଲାଃତାଲା ଏପରି କୃପା କଲେ ଯେ ସେହିଦିନ ତାହା ପରେ ଏତେ ଗ୍ରାହକ ଆସିଲେ ଯେ ଦୁଇ ଲକ୍ଷ ଫ୍ରାଙ୍କ ମୂଲ୍ୟର ମାଲ୍ (ଅର୍ଥାତ୍ ସାମଗ୍ରୀ) ବିକ୍ରି ହୋଇଗଲା ଓ ବହୁତ ଲାଭ ହେଲା । ତେଣୁ ମୁଁ ସେହିଦିନ ହିଁ ସ୍କୁଲ୍ ଫିସ୍ ପୈଠ କରିଦେଲି । ଏପରି ଅନେକ ଘଟଣାମାନ ରହିଛି, ଯହିଁରେ ଉଲ୍ଲେଖ ରହିଛି ଯେ ଆମେ ଆର୍ଥିକ ବଳିଦାନ କରୁ ଏବଂ ଦୁଆ କରୁ । ଦୁଆ ପାଇଁ ମୋ ନିକଟକୁ ବି ଲେଖୁଛନ୍ତି । ଏହି ବଳିଦାନଗୁଡ଼ିକ କାରଣରୁ ସେମାନଙ୍କର ବିଗିଡ଼ି ଯାଇଥିବା କାମଗୁଡ଼ିକ ସମାଧାନ ହୋଇଯାଏ, ପିଲାମାନଙ୍କର ସୁଧାର ହୋଇଯାଏ ।

କାନାଡ଼ାରୁ ନ୍ୟାସନ୍ୟାଲ ସେକ୍ରେଟାରୀ ତହେରିକେ ଜଦିଦ୍ ଲଜ୍‌ନା ଇମାଇଲ୍ଲାଃ ଲେଖିଛନ୍ତି, ଜଣେ ଲଜ୍‌ନା ସଦସ୍ୟ ନିଜର ନାମ ପ୍ରକାଶ ନକରି ଜଣାଇଲେ, ଯେ ମୁଁ ସର୍ବଦା ନିଜର ଆର୍ଥିକ ସ୍ଥିତି ଅନୁଯାୟୀ ଚାନ୍ଦା ପୈଠ କରିଛି । ଗତବର୍ଷ ମୁଁ ଯେଉଁ ଖୁତ୍‌ବା ଦେଇଥିଲି, ସେଥିରେ ମୁଁ ହଜରତ ଅମ୍ମାଜାନ୍[ର.ଅ]ଙ୍କର ଉଦାହରଣ ଦେଇଥିଲି ଯେ ସେ ଆରମ୍ଭରେ ନିଜର ପ୍ରତିଜ୍ଞା ଲେଖାଉ ଥିଲେ । ଆଉ ପରେ ତାହା ପୂରଣ କରି ଦେଉଥିଲେ । ସେ କୁହନ୍ତି; ମୁଁ ଚିନ୍ତା କଲି ଯେ ଏହା ଉପରେ କାର୍ଯ୍ୟକାରୀ କରିବି ଏବଂ ନିଜର ପ୍ରତିଜ୍ଞା ଲେଖାଇ ଦେଲି ଓ ପୈଠ ବି କରିଦେଲି । ଯାହାକି ଦୁଇ ମାସର ଦରମା ସମାନ ଥିଲା । ଏହାପରେ ଅଲ୍ଲାଃତାଲାଙ୍କର ଏପରି ଆଶିଷ ଅନୁଭବ କଲି ଯେପରି କୌଣସି ଲୁକ୍କାୟିତ ଧନଭଣ୍ଡାର ମିଳିଯାଇଛି । ବହୁତଗୁଡ଼ିଏ ଅଟକି ରହିଥିବା କାମ ହୋଇଗଲା । ଗୋଟିଏ ଘର ବହୁତ ଭଲ ମୂଲ୍ୟରେ ବିକ୍ରି ହୋଇଗଲା । ଅନ୍ୟ ଏକ ସ୍ଥାନରେ ନୂତନ ଘର କିଣିବାର ସୌଭାଗ୍ୟ ମିଳିଗଲା ।

ଋଷର ମୁବଲ୍ଲିଗ୍ ସାହେବ ଲେଖିଛନ୍ତି, ଏଠାରେ ଜଣେ ନିଷ୍ଠାପର ଅହମଦି ଅଛନ୍ତି । ସେ ଦିନେ **ନମାଜ୍ ଜୁମା** ପରେ ମୋତେ କିଛି ଅର୍ଥ ଦେଲେ । ମୁଁ କହିଲି ଆପଣଙ୍କର କିଛି ବାକି ନାହିଁ । ସେ ଉତ୍ତର ଦେଲେ, ମୁଁ ମୋର ଜନ୍ମସ୍ଥାନକୁ ଯାଇଥିଲି ଓ ଫେରି ମସ୍କୋ ଆସିବା ବେଳେ ମୋତେ ଅନ୍ୟ ଦେଶର ଯାତ୍ରୀମାନଙ୍କ ସହିତ ଏୟାରପୋର୍ଟରେ ଅଟକାଇ ଦିଆଗଲା । ପୂର୍ବରୁ ମଧ୍ୟ ଇମିଗ୍ରେଶନ୍ କର୍ତ୍ତୃପକ୍ଷ ଛୋଟ ଛୋଟ କଥାରେ ଲୋକମାନଙ୍କୁ ଅଟକାଇ ଫେରାଇ ଦିଅନ୍ତି । ମୋର ଧ୍ୟାନ ଗଲା ଯେ ଅଲ୍ଲାଃତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବା ଦ୍ୱାରା ସବୁବେଳେ ଅସୁବିଧା ଦୂର ହୋଇଥାଏ । ମୁଁ ପ୍ରତିଜ୍ଞା କଲି ଯେ ଯଦି ମୋତେ ଫେରାଇ ନ ଦିଆଯାଏ ତେବେ ନିଜ ଦେଶକୁ ଯିବାର ଟିକଟ୍ ସମାନ ଅର୍ଥ ପ୍ରଭୁଙ୍କ ମାର୍ଗରେ ଦାନ କରିବି । ଶେଷରେ ମୋତେ ଛାଡ଼ି ଦିଅଗଲା, ତେଣୁ ମୁଁ

ମୋର ପ୍ରତିଜ୍ଞା ଅନୁଯାୟୀ ଏହି ଧନରାଶି ଦେଉଛି ।

ଅଲ୍ଲାଃତାଲାଙ୍କ କୃପାରୁ ଗତ ୩୧ ଅକ୍ଟୋବରରେ ତହେରିକେ ଜଦିଦ୍‌ର ୯୨ତମ ବର୍ଷ ସମାପ୍ତ ହୋଇଯାଇଛି । ଆଉ ୧ ନଭେମ୍ବରରୁ ତହେରିକେ ଜଦିଦ୍‌ର ୯୩ତମ ବର୍ଷ ଆରମ୍ଭ ହୋଇଯାଇଛି । ତେବେ ଜମାଅତ ଗତବର୍ଷରେ ୨୦.୨୮ ନିୟୁତ ପାଉଣ୍ଡ ବଳିଦାନ ଦେବାର ସୌଭାଗ୍ୟ ଅର୍ଜନ କରିଛି । ଗତବର୍ଷ ତୁଳନାରେ ଏହା ୭ଲକ୍ଷ ୨୭ହଜାର ପାଉଣ୍ଡ ଅଧିକ ଅଟେ । ଚାନ୍ଦାଦାତାମାନଙ୍କ ସଂଖ୍ୟାରେ ମଧ୍ୟ ଗତବର୍ଷ ଅପେକ୍ଷା ୪୬ହଜାର ୬୧୬ର ବୃଦ୍ଧି ଘଟିଛି । ଏହାପରେ ପ୍ରିୟ ହୁଜୁର ଅନୱର[ଅ.ବ] ସମଗ୍ର ଆଦାୟ ଦୃଷ୍ଟିରୁ ଦେଶଗୁଡ଼ିକର ପ୍ରଥମ ଦଶଟି ଜମାଅତ ଯିଏକି ସ୍ଥାନ ଅଧିକାର କରିଛନ୍ତି, ସେଗୁଡ଼ିକର ବର୍ଣ୍ଣନା କଲେ । ଯେଉଁଥିରେ ବ୍ରିଟେନ୍ ପ୍ରଥମ ସ୍ଥାନ ଅଧିକାର କରିଛି ।

ଭାରତର ପ୍ରଥମ ଦଶଟି ପ୍ରଦେଶ ଯିଏକି ପ୍ରମୁଖ ସ୍ଥାନ ଅଧିକାର କରିଛନ୍ତି, ସେଗୁଡ଼ିକ ହେଲେ- କେରଳ ପ୍ରଥମ । ତା'ପରେ ତାମିଲନାଡୁ, ତେଲେଙ୍ଗାନା, **ଓଡ଼ିଶା**, କର୍ଣ୍ଣାଟକ, ଜାମ୍ମୁକାଶ୍ମୀର, ପଞ୍ଜାବ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି । ପୁଣି ଭାରତର ପ୍ରଥମ ଦଶଗୋଟି ଜମାଅତ ଯିଏକି ସ୍ଥାନ ଅଧିକାର କରିଛନ୍ତି, ସେଗୁଡ଼ିକ ହେଲେ- ହାଇଦ୍ରାବାଦ ପ୍ରଥମ, ତା'ପରେ କୋଏମ୍ବଟୁର (ତାମିଲନାଡୁ), କାଦିୟାନ, କାଲିକଟ୍, ମେଲାପାଲମ୍, ବ୍ୟାଙ୍ଗଲୋର୍, **କେରଙ୍ଗ**, କରୁଲାଇ, କଲିକତା ଓ କନ୍ନୁର୍ ଟାଉନ୍ ଇତ୍ୟାଦି ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି ।

ମହାମାନ୍ୟ ହୁଜୁର ଅନୱର[ଅ.ବ] କହିଲେ; ତହେରିକେ ଜଦିଦ୍‌ର ଚାନ୍ଦା ଦ୍ୱାରା ଆଫ୍ରିକାର ୭୬୦୧ଟି ମସଜିଦ୍, ୨୪୦୦ମିଶନ୍ ହାଉସ୍ ଓ ମୁରବୀମାନଙ୍କର ଖର୍ଚ୍ଚ ଭରଣ କରାଯାଇଥାଏ । ନୁସରତ୍ ଜାହାନ୍ ଯୋଜନା ଅଧୀନରେ ୧୩ଟି ଦେଶରେ ୬୨୦ଟି ସ୍କୁଲ ଓ ୧୪ଟି ଦେଶରେ ୪୧ଟି ହସ୍ପିଟାଲ୍ ଓ କ୍ଲିନିକ୍ କାର୍ଯ୍ୟ କରୁଅଛି । ଏହା ବ୍ୟତୀତ ବିଶ୍ୱବିଦ୍ୟାଳୟ, ଭତ୍ତା, ବୃତ୍ତି, ୨୬ଟି ରେଡ଼ିଓ ଷ୍ଟେଶନ୍, ଏମ୍.ଟି.ଏ ଷ୍ଟୁଡ଼ିଓ ତଥା ବିଭିନ୍ନ ଦେଶରେ **ତବ୍‌ଲିଗୀ** (ଧର୍ମ ପ୍ରଚାର) ଏବଂ ଶିକ୍ଷାଗତ ପ୍ରକଳ୍ପଗୁଡ଼ିକର ଆର୍ଥିକ ସହାୟତା କରାଯାଇଥାଏ । ଏହି ସମସ୍ତ ମହତ୍ୱପୂର୍ଣ୍ଣ ସେବାକାର୍ଯ୍ୟ ଜମାଅତର ସଦସ୍ୟମାନଙ୍କର ନିଷ୍ଠାପର ଆର୍ଥିକ ବଳିଦାନ ଦ୍ୱାରା ଜାରି ରହିଛି । ଯାହାଙ୍କର ସୀମିତ ସମ୍ବଳରୁ ଅସାଧାରାଣ ଫଳାଫଳ ପ୍ରାପ୍ତ ହେଉଅଛି ।

ତହେରିକେ ଜଦିଦ୍ ଓ ଅନ୍ୟାନ୍ୟ କେନ୍ଦ୍ରୀୟ ଚାନ୍ଦାଗୁଡ଼ିକ ମାଧ୍ୟମରେ ଜମାଅତର ଖର୍ଚ୍ଚଗୁଡ଼ିକ ପୂରଣ ହୋଇଥାଏ । ଯାହା ଅହମଦିମାନଙ୍କର ନିଷ୍ଠାପର ବଳିଦାନ ଓ ପରାକ୍ରମୀ ଅଲ୍ଲାଃତାଲାଙ୍କ କୃପାରୁ ସମ୍ଭବ ହୋଇଥାଏ । ଅଲ୍ଲାଃତାଲା ସମସ୍ତ ବଳିଦାନକାରୀମାନଙ୍କର ଧନସମ୍ପତ୍ତି ତଥା ଜୀବନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ । ସେମାନଙ୍କୁ ସର୍ବୋତ୍ତମ ପୁରସ୍କାର ପ୍ରଦାନ କରନ୍ତୁ । ଆମିନ୍ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟ୍ୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟ୍ୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟ୍ୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

❖❖❖ ❖❖❖ ❖❖❖

Khulasa Khutba Juma Huzoor Anwar a.b.a

6th November 2026

Translated to Odia by : Moulavi Anwar Ahmad Khan